# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 6 March - 2026

***********************************

## ମୁଖ୍ୟ ସମ୍ବାଦ

- ଚଳିତ ବର୍ଷ ଶେଷ ସୁଦ୍ଧା ଦେଶ ମାଓବାଦୀ ମୁକ୍ତ ହେବ; କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ

– କଟକ ମୁଣ୍ଡଳୀରେ ସି.ଆଇ.ଏସ୍.ଏଫ୍. ପ୍ରତିଷ୍ଠା ଦିବସରେ ଦେଲେ ଯୋଗଦାନ

- ଭୁବନେଶ୍ୱରରେ ଆଜି ସନ୍ଧ୍ୟାରେ ୩ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ

- ରାଜ୍ୟସଭା ନିର୍ବାଚନ ପାଇଁ ଓଡ଼ିଶାର ୫ ଜଣ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର କାଏମ

ଏବଂ

- ରାଜ୍ୟର କେତେକ ଅଞ୍ଚଳରେ ଆସନ୍ତା ରବିବାରଠାରୁ ବର୍ଷା ସମ୍ଭାବନା

# ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ଦେଶର ଔଦ୍ୟୋଗିକ ବିକାଶ' କେନ୍ଦ୍ରୀୟ ଔଦ୍ୟୋଗିକ ସୁରକ୍ଷା ବଳ–ସି.ଆଇ.ଏସ୍.ଏଫ୍' ବିନା ଅସମ୍ଭବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି। ସି.ଆଇ.ଏସ୍.ଏଫ୍'ର ୫୭ତମ ପ୍ରତିଷ୍ଠା ଦିବସ ସମାରୋହରେ କଟକ ମୁଣ୍ଡଳିସ୍ଥିତ ସି.ଆଇ.ଏସ୍.ଏଫ୍' କ୍ୟାମ୍ପ ଅଫିସରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଶାହା କହିଛନ୍ତି, ଚଳିତ ମାସ ସୁଦ୍ଧା ଦେଶକୁ ମାଓବାଦୀମୁକ୍ତ କରାଯିବ। ମାଓବାଦୀଙ୍କ ମୂଳୋତ୍ପାଟନରେ ସି.ଆଇ.ଏସ୍.ଏଫ୍'ର ମଧ୍ୟ ପ୍ରମୁଖ ଭୂମିକା ରହିଛି।

**- V/O -**

ବୀରତ୍ୱ, ତ୍ୟାଗ, ବଳିଦାନ ଏବଂ ଏକାଗ୍ର ମନୋଭାବ ସହ ସମସ୍ତ ପରିସ୍ଥିତିର ମୁକାବିଲା ପାଇଁ ସି.ଆଇ.ଏସ୍.ଏଫ୍ ସର୍ବଦା ପ୍ରସ୍ତୁତ ରହିଥାଏ। ଆଗକୁ ବନ୍ଦରଗୁଡ଼ିକର ସୁରକ୍ଷା ଦାୟିତ୍ୱ ମଧ୍ୟ ସି.ଆଇ.ଏଫ୍.ଏଫ୍'କୁ ହସ୍ତାନ୍ତର କରାଯିବ। ଡ୍ରୋନ୍ ସୁରକ୍ଷାରେ ମଧ୍ୟ ସି.ଆଇ.ଏସ୍.ଏଫ୍' ନୋଡାଲ ଏଜେନ୍ସି ରୂପରେ ଭୂମିକା ତୁଲାଉଛି। ସବୁ କ୍ଷେତ୍ରରେ ଉତ୍କୃଷ୍ଟ ଓ ବିଶିଷ୍ଟ ସେବା ପାଇଁ ସି.ଆଇ.ଏସ୍.ଏଫ୍' ୧୩ ହଜାର ୭୦୦ଟି ପଦକ ପ୍ରାପ୍ତ କରିଛି। ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନରେ ସି.ଆଇ.ଏସ୍.ଏଫ୍ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ

କହିଛନ୍ତି । ଶ୍ରୀ ଶାହା ଏହି ଅବସରରେ ମହାପ୍ରଭୁଙ୍କୁ ପ୍ରଣାମ କରିବା ସହ ଓଡ଼ିଶାର ସହିଦ ବୀର ବାଜିରାଉତ ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ, ବୀର ସୁରେନ୍ଦ୍ର ସାଏଙ୍କୁ ପ୍ରଣାମ ଜଣାଇଛନ୍ତି ।

**- V/O -**

ସ୍ୱରାଷ୍ଟ୍ର ମନ୍ତ୍ରୀ ଆଜି ମୁଣ୍ଡଳିରେ ଆଜି ୮୯୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଶ୍ରୀ ଶାହା ଓଡ଼ିଶା ଗସ୍ତ ଅବସରରେ ବିଭିନ୍ନ ବିଭାଗ ସହ ଜଡ଼ିତ ୧ ହଜାର ୧୫୯ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୬୯ଟି ପ୍ରକଳ୍ପର ଉଦ୍‌ଘାଟନ ସହ ୨ ହଜାର ୧୧୬ କୋଟି ଟଙ୍କାର ୧୩୦ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟସୂଚୀ ରହିଛି । ଏହା ସହ ପାରାଦ୍ୱୀପରେ ଇଫ୍‌କୋ ସଲ୍‌ଫ୍ୟୁରିକ୍ ଏସିଡ ପ୍ଲାଣ୍ଟକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ପରେ ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ସମବାୟ କ୍ଷେତ୍ର ସହ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶୁଭାରମ୍ଭ କରିବେ । ଏଥିରେ ରାଜ୍ୟ ସମବାୟ ନୀତିର ପ୍ରକାଶନ, ନୂତନ ନ୍ୟାୟ ସଂହିତା ପ୍ରଦର୍ଶନୀକୁ ଉଦ୍‌ଘାଟନ, ୨୦ଟି ସାଇବର ଥାନା, ରାଜ୍ୟର ପ୍ରଥମ କେନ୍ଦ୍ରୀୟ ଫୋରେନ୍‌ସିକ୍ ବିଜ୍ଞାନ ପରୀକ୍ଷାଗାର ଆଦି ରହିଛି । ଏହା ସହ ବିଭିନ୍ନ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ ବୋଲି ସୂଚନା ମିଳିଛି ।

**- V/O -**

ସନ୍ଧ୍ୟାରେ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଶ୍ରୀ ଶାହା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବେ ବୋଲି ରାଜ୍ୟ ବିଜେପି କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବୈଠକରେ ରାଜ୍ୟସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର ଉପସ୍ଥିତ ରହିବେ। ବୈଠକରେ ରାଜ୍ୟସଭା ନିର୍ବାଚନ ଏବଂ ରାଜ୍ୟ ସଂଗଠନ ବାବଦରେ ଆଲୋଚନା ହୋଇପାରେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

Desk

## ସାମଗ୍ରୀ ମୂଲ୍ୟ ନିର୍ଦ୍ଧାରଣ

ବିଭିନ୍ନ ନିର୍ମାଣ ସାମଗ୍ରୀର ସଠିକ ମୂଲ୍ୟ ନିର୍ଦ୍ଧାରଣ ନେଇ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଭୁବନେଶ୍ୱର ଲୋକସେବା ଭବନରେ ସମୀକ୍ଷା କରିଛନ୍ତି। ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଥିବା ବୈଠକରେ କେନ୍ଦ୍ର ସରକାର, ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଏବଂ ବିଭିନ୍ନ ରାଜ୍ୟରେ ଲାଗୁ ହୋଇଥିବା ନିର୍ମାଣ ସାମଗ୍ରୀର ମୂଲ୍ୟକୁ ସମୀକ୍ଷା କରି ରାଜ୍ୟରେ ସାମଗ୍ରୀର ସଠିକ୍ ମୂଲ୍ୟ ନିର୍ଦ୍ଧାରଣ କରିବା ନେଇ ଆଲୋଚନା ହୋଇଥିଲା। ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ନିର୍ମାଣ ସାମଗ୍ରୀର ଗୁରୁତ୍ୱ ଓ ଆବଶ୍ୟକତାକୁ ଉପଲବ୍ଧି କରି ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟା ଶୀଘ୍ର ଶେଷ କରିବା ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱାରୋପ କରିଛନ୍ତି।

ବୈଠକରେ ବିଭିନ୍ନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ପ୍ରମୁଖ ଉପସ୍ଥିତ ଥିଲେ ।

Desk

## ରାଜ୍ୟସଭା - ନାମାଙ୍କନ

୧୦ଟି ରାଜ୍ୟର ୩୭ଟି ରାଜ୍ୟସଭା ଆସନ ପାଇଁ ଆଜି ନାମାଙ୍କନପତ୍ର ଯାଞ୍ଚ ହେଉଛି । ତେବେ ୬ ଜଣଙ୍କ ମଧ୍ୟରୁ ୫ ଜଣ ପ୍ରାର୍ଥୀଙ୍କୁ ପ୍ରାଥିପତ୍ର କାୟମ ରହିଛି। ଆସନ୍ତା ସୋମବାର ସୁଦ୍ଧା ନାମାଙ୍କନପତ୍ର ପ୍ରତ୍ୟାହାର କରାଯାଇପାରିବ । ଗତକାଲି ବିଜେପି ପକ୍ଷରୁ ମନମୋହନ ସାମଲ, ସୁଜିତ୍ କୁମାର ଏବଂ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ନାମାଙ୍କନ ପତ୍ର ଦାଖଲ କରିଥିଲେ।

ବିଜେଡି ପକ୍ଷରୁ ଡକ୍ଟର ସଂତୃପ୍ତ ମିଶ୍ର ଏବଂ କଂଗ୍ରେସ ଓ ବିଜେଡ଼ି ସମର୍ଥନରେ ସାଧାରଣ ପ୍ରାର୍ଥୀ ଭାବେ ଡାକ୍ତର ଦଣ୍ଡେଶ୍ୱର ହୋତା ରାଜ୍ୟସଭା ପାଇଁ ନାମାଙ୍କନପତ୍ର ଦାଖଲ କରିଥିଲେ । ଏକମାତ୍ର ପ୍ରାର୍ଥୀଭାବେ ତେଲଙ୍ଗାନାର କାନ୍ତେସାୟାନାଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

ଆସନ୍ତା ୧୬ ତାରିଖ ଦିନ ଏହି ଆସନଗୁଡ଼ିକ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ସେଥିମଧ୍ୟରେ ଓଡ଼ିଶାର ୪ଟି ରାଜ୍ୟସଭା ଆସନ ଅର୍ନ୍ତଭୁକ୍ତ।

Dhenkanal

## ହାତୀ ସୁରକ୍ଷା

ଢେଙ୍କାନାଳ ଜିଲ୍ଲା କପିଳାସଠାରେ ବନବିଭାଗ ପକ୍ଷରୁ ହାତୀ ସୁରକ୍ଷାକୁ ପ୍ରାଧାନ୍ୟ ଦେବା ପାଇଁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବନ ଅଧିକାରୀ, ବିଭିନ୍ନ ସଂସ୍ଥାର ପ୍ରତିନିଧିମାନେ ଯୋଗଦେଇ ମଣିଷ ଓ ହାତୀ ମଧ୍ୟରେ ଅସ୍ଥିରତାକୁ ହ୍ରାସ କରିବା ପାଇଁ ଜ୍ଞାନକୌଶଳ ବ୍ୟବହାର କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ହାତୀ ସୁରକ୍ଷା ପାଇଁ କରିଡର'ର ଉନ୍ନତି ଆବଶ୍ୟକ ବୋଲି ଗୁରୁତ୍ୱାରୋପ କରାଯାଇଥିଲା।

Puri

## ଭାରତ-ଜାପାନ ସହଯୋଗ

ପର୍ଯ୍ୟଟନ ମାଧ୍ୟମରେ ଓଡ଼ିଶା ଓ ଜାପାନ ମଧ୍ୟରେ ଦୀର୍ଘମିଆଦି ସହଯୋଗ ଏବଂ ପରସ୍ପରିକ ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଛି। ଆଧ୍ୟାତ୍ମିକ, ପର୍ଯ୍ୟଟନ, ଉପକୂଳବର୍ତ୍ତୀ ଗନ୍ତବ୍ୟ ସ୍ଥଳ ଏବଂ ଐତିହ୍ୟସ୍ଥଳ ସମେତ ରାଜ୍ୟର ଭାଷା, ସଂସ୍କୃତି, ବିକଶିତ ହୋଇପାରିବ ବୋଲି ଜାପାନର ଉପ ମହାବାଣିଜ୍ୟିକ ଦୂତ ଆଶିଦା କଟସୁନୋରି ମତପ୍ରକାଶ କରିଛନ୍ତି। ଭାରତ ଓ ଜାପାନ ମଧ୍ୟରେ ସାଂସ୍କୃତିକ, ଶିକ୍ଷା ଓ ପର୍ଯ୍ୟଟନର ଆଦାନ ପ୍ରଦାନ ଉଦ୍ଦେଶ୍ୟରେ ପୁରୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଆୟୋଜିତ ହୋଇଯାଇଛି। ଏହି ଅବସରରେ ଏକ ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା।

Nabarangpur

## ପୁରସ୍କାର ସମ୍ମିଳନୀ

ନବରଙ୍ଗପୁର ଜିଲ୍ଲାସ୍ତରୀୟ ଆଶା ଗାଁ କଲ୍ୟାଣ ସମିତି, ଜନଆରୋଗ୍ୟ ସମିତି, ମହିଳା ଆରୋଗ୍ୟ ସମିତି, କାୟାକଳ୍ପ ଓ ତମାଖୁ ମୁକ୍ତ ବିଦ୍ୟାଳୟ ପୁରସ୍କାର ସମ୍ମିଳନୀ ଆଜି ନବରଙ୍ଗପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ, ବିଧାୟକ, ଗୌରୀଶଙ୍କର ମାଝୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ୨୦୨୫-୨୬ ବର୍ଷରେ ଆଶାକର୍ମୀମାନଙ୍କୁ ୧୭ କୋଟି ୨୬ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଆଶାକର୍ମୀ, ମହିଳା ଆରୋଗ୍ୟ ସମିତିକୁ ସମ୍ମାନିତ କରାଯାଇଛି।

Rayagada

## ଜଙ୍ଗଲ ନିଆଁ

ରାୟଗଡ଼ା ଜିଲ୍ଲାରେ ଜଙ୍ଗଲ ନିଆଁ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବନବିଭାଗ, ବନ ସୁରକ୍ଷା ସମିତି, ମହିଳା ସ୍ୱୟଂସହାୟିକା କର୍ମକର୍ତ୍ତାମାନେ ଗ୍ରାମବାସୀଙ୍କୁ ବିଭିନ୍ନ ବାର୍ତ୍ତା ମାଧମରେ ସଚେତନ କରାଇଛନ୍ତି।

Ganjam

## ଜିଲ୍ଲା ପରିଷଦ ବୈଠକ

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମନରେଗା, ଗ୍ରାମୀଣ ଗୃହ, ପାନୀୟ ଜଳର ସୁପରିଚାଳନା ଆଦି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା।

Nuapada

## ସହାୟତା ରାଶି

ନୂଆପଡ଼ା ଜିଲ୍ଲାରେ ଦୁଇ ଜଣ ଭିନ୍ନକ୍ଷମ ଯୁବକଙ୍କୁ ଜିଲ୍ଲାପାଳ ମଧୁସୂଦନ ଦାସ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୧୦ ଲକ୍ଷ ଟଙ୍କ ଲେଖାଏଁ ସହାୟତା ରାଶି ପ୍ରଦାନ କରିଛନ୍ତି। ଉଭୟଙ୍କ ଶରୀର ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ହୋଇଥିବାରୁ ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି।

HS

# ପାଣିପାଗ

ରାଜ୍ୟରେ ଦିନର ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆଗାମୀ ୩ ଦିନ ମଧ୍ୟରେ ରାଜ୍ୟର ଜିଲ୍ଲାଗୁଡ଼ିକରେ ଦିନ ତାପମାତ୍ରାରେ ବିଶେଷ

ପରିବର୍ତ୍ତନର ସମ୍ଭାବନା ନାହିଁ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଭଦ୍ରକ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ଜଗତସିଂହପୁର ଜିଲ୍ଲାର କେତେକ ସ୍ଥାନରେ ମଧ୍ୟମ ଧରଣର କୁହୁଡ଼ି ଦେଖାଦେବାର ସମ୍ଭାବନା ରହିଛି।

ଅପରପକ୍ଷରେ ଉତ୍ତର ଓଡ଼ିଶା ଏବଂ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ରବିବାରଠାରୁ ବର୍ଷା ହେବାର ସମ୍ଭାବନା ରହିଛି ।

Desk

## ପାରା ତୀରନ୍ଦାଜୀ

ଥାଇଲ୍ୟାଣ୍ଡର ବ୍ୟାଙ୍କକ୍‌ରେ ଆସନ୍ତା ୨୯ ତାରିଖରୁ ଏପ୍ରିଲ ମାସ ୫ତାରିଖ ମଧ୍ୟରେ ବିଶ୍ୱ ପାରା ତୀରନ୍ଦାଜୀ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିପାଇଁ ଘୋଷଣା କରାଯାଇଥିବା ଭାରତୀୟ ଦଳରେ ଓଡ଼ିଶାର ପାୟଲ ନାଗ୍ ସ୍ଥାନ ପାଇଛନ୍ତି । ପାୟଲ୍‌ଙ୍କ ଏହି ସଫଳତା ପାଇଁ ତାଙ୍କୁ ଓଡ଼ିଶା ତିରନ୍ଦାଜୀ ସଂଘ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

BHK

## କ୍ରୀଡ଼ା ପ୍ରତିଯୋଗିତା

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରାୟ ୧୭୦ ଜଣ ପ୍ରତିଯୋଗୀ

ଭଲିବଲ୍, କବାଡ଼ି, ବ୍ୟାଡମିଣ୍ଟନ ଏବଂ ୨୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ ।